# ପ୍ରିଜାଇଡିଂ ଓ ପ୍ରଥମ ପୁଲିଂଗ୍ ଅଫିସରମାନଂକ ତାଲିମ କାର୍ଯ୍ୟକ୍ରମକୁ ବୁଲି ଦେଖିଲେ ଜିଲ୍ଲାପାଳ-ତାଲିମ ନେବେ ୨୭୯୬ ଜଣ ।

ଅନୁଗୋଳ,ତା.୨୩.୩:- ନିର୍ବାଚନ ବିଜ୍ଞପ୍ତି ଘୋଷଣା ହେବା ପରେ ଜିଲ୍ଲା ପ୍ରଶାସନ ତରଫରୁ ନିର୍ବାଚନ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଭାବେ ପରିଚାଳନା କରାଯାଉଛି । ଇତି ମଧ୍ୟରେ EVM - VVPAT ମେସିନ୍ Randomisation କରାଯାଇ ସମସ୍ତ ରିଟର୍ଣ୍ଣି ଅଫିସରଙ୍କ ଷ୍ଟ୍ରଙ୍ଗ ରୁମ୍‌କୁ ସ୍ଥାନାନ୍ତର କରାଯାଇଛି । ଆଜି ଠାରୁ ଜିଲ୍ଲାର ୧୬ଟି ସ୍ଥାନରେ ଏକ ସମୟରେ ଆରମ୍ଭ ହୋଇଛି ପ୍ରିଜାଇଡିଂ ଓ ପ୍ରଥମ ପୋଲିଂଗ୍ ଅଫିସରମାନଂକର ତାଲିମ କାର୍ଯ୍ୟକ୍ରମ । ଏହି ତାଲିମ କାର୍ଯ୍ୟକ୍ରମକୁ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ପରିଦର୍ଶନ କରି ଏହାକୁ ଅନୁଧ୍ୟାନ କରିଛନ୍ତି । ଜିଲ୍ଲା କାର୍ଯ୍ୟାଳୟ,ଜିଲ୍ଲା ପରିଷଦ,ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା,ଅନୁଗୋଳ ବ୍ଲକ୍,ଅନୁଗୋଳ ପୌରପାଳିକା ଓ ଛେଣ୍ଡିପଦା ବ୍ଲକର ସମ୍ମିଳନୀ ଗୃହ ସମେତ ଜିଲ୍ଲାର ଅନ୍ୟାନ୍ୟ ୧୦ଟି ତାଲିମ କେନ୍ଦ୍ରରେ ଏକ ସମୟରେ ଏହି ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି । ପ୍ରତ୍ୟେକ ତାଲିମ କେନ୍ଦ୍ରରେ ୫୦ ଜଣ ଲେଖାଏଁ ପ୍ରିଜାଇଡିଂ ଓ ପ୍ରଥମ ପୋଲିଂଗ ଅଫିସରଂକୁ ଜିଲ୍ଲା ସ୍ତରୀୟ ଓ ବ୍ଲକ୍ ସ୍ତରୀୟ ମାଷ୍ଟର ଟ୍ରେନରମାନେ ତାଲିମ ଦେବା ସହ EVM - VVPAT ର ବ୍ୟବହାର ସମ୍ପର୍କରେ ନିଜେ ପ୍ରଦର୍ଶନ କରାଉଛନ୍ତି । ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗର ଯୁଗ୍ମ ସଚିବ ଶ୍ରୀ ଧରଣୀଧର ନନ୍ଦ ଓ ଓଡିଶା ଖଣି ନିଗମର ଆଂଚଳିକ ପ୍ରବନ୍ଧକ ଶ୍ରୀ ଦିଲିପ କୁମାର ବଳ ତାଲିମ ପର୍ଯ୍ୟବେକ୍ଷକ ଭାବେ ଯୋଗ ଦେଇ ପ୍ରଶିକ୍ଷାର୍ଥୀମାନଂକୁ ଭୋଟ ଗ୍ରହଣର ବିଭିନ୍ନ ପଦ୍ଧତି ଓ EVM - VVPAT ର ବ୍ୟବହାର ସମ୍ପର୍କରେ ଅବଗତ କରିଛନ୍ତି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ତପନ କୁମାର ଶତପଥି ଏହି ତାଲିମ କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱରେ ଅଛନ୍ତି । ଏହି ତାଲିମ କାର୍ଯ୍ୟକ୍ରମରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶକ ଶ୍ରୀ ଅତୁଲ୍ୟ କୁମାର ଚମ୍ପତିରାୟ, ଡେପୁଟୀ କଲେକ୍ଟର(ଆପାତକାଳିନ) ଶ୍ରୀ ବୈଦୁରା ଦିପ୍,ଡେପୁଟୀ କଲେକ୍ଟର(ନିର୍ବାଚନ) ଶ୍ରୀ ଲମ୍ବୋଦର ମାରାଣ୍ଡି, ଅନୁଗୋଳ ବି ଇ ଓ ଲୋପାମୁଦ୍ରା ପଟ୍ଟନାୟକ,ଅନୁଗୋଳ ଅତିରିକ୍ତ ତହସିଲଦାର ସାଗରିକା ସାହୁ,ଆସିଷ୍ଟାଣ୍ଟ କଲେକ୍ଟର ସୋଫି ସାଇନିକା,ଅନୁଗୋଳ ବ୍ଲକର ଏ ବି ଡି ଓ ଶ୍ରୀ ବିଜୟ ମେହେର ପ୍ରମୁଖ ଏହି ତାଲିମ କାର୍ଯ୍ୟକ୍ରମରେ ମାଷ୍ଟର ଟ୍ରେନର ଭାବେ ଯୋଗ ଦେଇ ଭୋଟ ଗ୍ରହଣର ବିଭିନ୍ନ ପଦ୍ଧତି ଓ ପ୍ରକ୍ରିୟା ସମ୍ପର୍କରେ ଅବଗତ କରିବା ସହ EVM-VVPATର ବ୍ୟବହାର ସମ୍ପର୍କରେ ପ୍ରଦର୍ଶନ (demonastration) କରିଥିଲେ । ସମୁଦାୟ ୨୭୯୬ ଜଣ ଉଭୟ ପ୍ରିଜାଇଡିଂ ଅଫିସର ଓ ପ୍ରଥମ ପୋଲିଂଗ ଅଫିସର ବିଭିନ୍ନ ପର୍ଯ୍ୟାୟରେ ଚଳିତ ମାସ ୨୭ ତାରିଖ ପର୍ଯ୍ୟନ୍ତ ତାଲିମ ଗ୍ରହଣ କରିବେ ।


DISTRICT RURAL DEVELOPMENT AGENCY
ANGUL

